ମୁବାରିକ ଖାନ୍

ବନାମ

ନବବଖା @ନୱାବ ଏବଂ ଅନ୍ୟମାନେ

(ଫୌଜଦାରୀ ଅପିଲ ସଂଖ୍ୟା 612/2002 )

ଅକ୍ଟୋବର 1,2008

[ଡ଼. ଅରିଜିତ ପଶାୟତ ଏବଂ ଡ଼. ମୁକୁନ୍ଦକମ୍ ଶର୍ମା, ନ୍ୟାୟମୂର୍ତ୍ତିଦ୍ୱୟ]

ଭାରତର ସମ୍ବିଧାନ, 1950 - ଅନୁଚ୍ଛେଦ 136 - ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦୋଷ ମୁକ୍ତି ବିରୋଧରେ ଅପିଲ - ହସ୍ତକ୍ଷେପର ପରିସର - ଏକମାତ୍ର ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟପ୍ରମାଣ ବିଶ୍ୱାସଯୋଗ୍ୟ ନୁହେଁ ଏବଂ ମାଜିଷ୍ଟ୍ରେଟଙ୍କ ନିକଟରେ ଏତଲା ପ୍ରେରଣ କରିବାରେ ଯଥେଷ୍ଟ ବିଳମ୍ବ ହୋଇଥିଲା ବୋଲି ଦର୍ଶାଇ ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତମାନଙ୍କୁ ଦୋଷ ମୁକ୍ତି କରିଥିଲେ - ନିର୍ଣ୍ଣିତ କରାଗଲା : ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଏକ ସମ୍ଭାବ୍ୟ ମତ ଥିଲା - ତେଣୁ, ହସ୍ତକ୍ଷେପର ଆବଶ୍ୟକତା ନାହିଁ ।

ଏକମାତ୍ର ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟପ୍ରମାଣ ବିଶ୍ୱାସଯୋଗ୍ୟ ନଥିଲା ଏବଂ ମାଜିଷ୍ଟ୍ରେଟଙ୍କ ନିକଟକୁ ଏତଲା ପଠାଇବାରେ ଯଥେଷ୍ଟ ବିଳମ୍ବ ହୋଇଥିଲା ବୋଲି ସେହି ଆଧାରରେ ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ତେଣୁ ବର୍ତ୍ତମାନର ଅପିଲ ।

ଅପିଲକୁ ଖାରଜ କରି ନ୍ୟାୟାଳୟ

ନିର୍ଣ୍ଣୟ କଲେ : ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଏକ ସମ୍ଭାବ୍ୟ ମତ ଏବଂ ତେଣୁ ଯେଉଁ ମାମଲାଗୁଡ଼ିକରେ ଦୋଷ ମୁକ୍ତି ରାୟକୁ ବିଚାର କରାଯାଏ ସେ ସମ୍ବନ୍ଧୀୟ ମାନଦଣ୍ଡକୁ ନେଇ, ଆମେ ଏହାକୁ ହସ୍ତକ୍ଷେପ ପାଇଁ ଉପଯୁକ୍ତ ମାମଲା ବୋଲି ବିବେଚନା କରୁନାହୁଁ ।

ଫୌଜଦାରୀ ଅପିଲ ଅଧିକରିତା ଫୌଜଦାରୀ ଅପିଲ ସଂଖ୍ୟା 612/2002

ଫୌଜଦାରୀ ଅପିଲ ସଂଖ୍ୟା 495/1996 ର ଇନ୍ଦୋରସ୍ଥିତ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ବିଚାରପୀଠଙ୍କ 18.1.2002 ର ଅନ୍ତିମ ରାୟ ଏବଂ ଆଦେଶରୁ

ସହିତ

ଫୌଜଦାରୀ ସଂଖ୍ୟା 1105/2002

ଉପସ୍ଥିତ ପକ୍ଷଙ୍କ ପାଇଁ ଶଂଶୀନ୍ଦ୍ର ତ୍ରିପାଠୀ, ଶରଦ ତ୍ରିପାଠୀ, ଏମ୍. ପି. ଶୋରାୱାଲା, ବିଭା ଦତ୍ତ ମାଖିଜା, ସିଦ୍ଧାର୍ଥ ଦାଭେ ଏବଂ ନୀରଜ ଶର୍ମା ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ଡ଼. ଅରିଜିତ୍ ପଶାୟତଙ୍କ ଦ୍ୱାରା, 1. ଅପିଲକାରୀ ପାଇଁ ବିଜ୍ଞ ଓକିଲଙ୍କୁ ଦୀର୍ଘ ସମୟ ଧରି ଶୁଣିବା ପରେ ଆମେ ସନ୍ତୁଷ୍ଟ ନୁହଁ ଯେ ଏହା ଏପରି ଏକ ମାମଲା ଯେଉଁଠାରେ କୌଣସି ହସ୍ତକ୍ଷେପ ଆବଶ୍ୟକ । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଛନ୍ତି ଯେ ପି. ଡବ୍ଲ୍ୟୁ. 5 ଙ୍କ ସାକ୍ଷ୍ୟପ୍ରମାଣ, ଯାହାଙ୍କୁ ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ ବୋଲି କୁହାଯାଇଥିଲା, ବିଶ୍ୱାସଯୋଗ୍ୟ ନୁହନ୍ତି । ଏହା ବ୍ୟତୀତ ଅଦାଲତକୁ ଏତଲା ପଠାଇବାରେ ଯଥେଷ୍ଟ ବିଳମ୍ବ ହେଉଛି । ଯଦିଓ ସମସ୍ତ କ୍ଷେତ୍ରରେ ଏହା ନିର୍ଣ୍ଣାୟକ କାରକ ହୋଇନପାରେ, କିନ୍ତୁ ଯେତେବେଳେ ଅନ୍ୟ ଦିଗ ସହିତ ବିଚାର କରାଯାଏ ତାହା ଗୁରୁତ୍ୱ ବହନ କରେ । ଉଚ୍ଚ ନ୍ୟାୟାଳୟ ଏହି ଦିଗ ଉପରେ ବିସ୍ତୃତ ଭାବେ ବିଚାର କରିଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଏକ ସମ୍ଭାବ୍ୟ ମତ ଏବଂ ତେଣୁ ଯେଉଁ ମାମଲାଗୁଡ଼ିକରେ ଦୋଷ ମୁକ୍ତି ରାୟକୁ ବିଚାର କରାଯାଏ ସେ ସମ୍ବନ୍ଧୀୟ ମାନଦଣ୍ଡକୁ ନେଇ, ଆମେ ଏହାକୁ ହସ୍ତକ୍ଷେପ ପାଇଁ ଉପଯୁକ୍ତ ମାମଲା ବୋଲି ବିବେଚନା କରୁନାହୁଁ ।

2. ଏହି ଅପିଲ ଖାରଜ ହୋଇଛି ।

ଫୌଜଦାରୀ ଅପିଲ ସଂଖ୍ୟା. 1105/2002:

3. ଫୌଜଦାରୀ ଅପିଲ ସଂଖ୍ୟା 612/2002 ର ଖାରଜକୁ ଦୃଷ୍ଟିରେ ରଖି ଏହି ଅପିଲ ମଧ୍ୟ ଖାରଜ ହୋଇଛି ।

ବି.ବି. ବି.

ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

କ୍ରିଷ୍ଣା ଦାଶ

ଅନୁବାଦିକା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।